# ସାଲେପୁର ଉପକାରାଗାର କଏଦୀଙ୍କୁ ନିର୍ଯାତନା ଅଭିଯୋଗ

ସାଲେପୁର, ୩୦।୧(ସମିସ)



ସାଲେପୁର ଉପକାରାଗାର ପରିସରରେ ବିଚାରାଧୀନ କଏଦୀମାନଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ନେଇ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଜେଲ୍ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନା ସହିତ ବ୍ୟାପକ ଅନିୟମିତତା ପ୍ରସଙ୍ଗରେ ପୁଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। ଅଭିଯୋଗ ଅନୁଯାୟୀ, ମାର୍ଶାଘାଇ ଅଞ୍ଚଳର ବିଚାରଧୀନ କଏଦୀ ହେମନ୍ତ କୁମାର ଆଚାର୍ଯ୍ୟ ଓ ଅନ୍ୟମାନଙ୍କୁ ଜେଲ୍ କର୍ମଚାରୀମାନେ ଅକଥନୀୟ ମାଡ଼ ମାରୁଛନ୍ତି। ଜେଲ୍‌ରେ ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଏହାର ପ୍ରତିବାଦ କଲେ କିମ୍ବା ଦ୍ୱିତୀୟଥର ଖାଦ୍ୟ ମାଗିଲେ କଏଦୀଙ୍କୁ ନିର୍ଘୁମ ମାଡ଼ ମରାଯାଉଛି। କେବଳ ସେତିକି ନୁହେଁ, ଡ୍ୟୁଟି ସମୟରେ ୱାର୍ଡରମାନେ କଏଦୀଙ୍କ ଦ୍ୱାର ନିଜର ଗୋଡ଼-ହାତ ଘଷାଉଥିବା ଏବଂ ଜାତୀୟ ସଙ୍ଗୀତକୁ ଭୁଲ୍ ଭାବେ ଗାନ କରି ଅସମ୍ମାନ କରାଯାଉଥିବା ଭଳି ଗୁରୁତର ତଥ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜେଲ୍ ମେଡିକାଲରେ କାର୍ଯ୍ୟରତ ଫାର୍ମାସିଷ୍ଟ ମଧ୍ୟ ସରକାରୀ ଔଷଧ ନ ଦେଇ ବାହାରୁ କିଣିବାକୁ ବାଧ କରୁଥିବା ଏବଂ ବିରୋଧ କଲେ ଅଶ୍ଳୀଳ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଜେଲର ଅଧିକାଂଶ ସମୟ ଅଫିସ୍ ନ ଆସି କ୍ୱାର୍ଟରରେ ରହୁଥିବା ବେଳେ ସମସ୍ତ ନିର୍ଯାତନାର ପ୍ରମାଣ ଜେଲ୍‌ର ସିସିଟିଭି କ୍ୟାମେରାରେ କଏଦ ଅଛି ବୋଲି ପୀଡ଼ିତ ପକ୍ଷ ଦାବି କରିଛନ୍ତି। ଯଦି ଜେଲ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସିସିଟିଭି ଯାଞ୍ଚ କରନ୍ତି, ତେବେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଡିଜିଙ୍କ ନିକଟରେ ଗୁହାରି କରାଯାଇଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ସାଲେପୁର ଉପକାରାଗାରର ଅଧିକାରିଣୀ ରଶ୍ମିପ୍ରଭା ରାୟଙ୍କୁ ପଚାରିବାରୁ ସେ ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ କହି ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ତେବେ ଡିଜିଙ୍କ ନିକଟରେ ଅଭିଯୋଗ ହେବା ପରେ ଏହି ଘଟଣାରେ କି ପ୍ରକାର ତଦନ୍ତ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଡିଜିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

# ଗାନ୍ଧୀବାଦର ଆଦର୍ଶ ଅନ୍ତର୍ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ

## ଆଠଗଡ଼ରେ ସହିଦ ଦିବସ ପାଳିତ

ଆଠଗଡ଼, ୩୦।୧(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ଦିବସ ଆଠଗଡ଼ ଯୁବ-ଛାତ୍ର ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଶୁକ୍ରବାର ପ୍ରତ୍ୟୁଷରୁ ଆଠଗଡ଼ ଓ ତିଗିରିଆ ଅଞ୍ଚଳରେ ରାମଧୂନ ଏବଂ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ଦଳୀୟ କାର୍ଯ୍ୟାଳୟ 'ସୂର୍ଯ୍ୟଭବନ'ଠାରେ ମାଲ୍ୟାର୍ପଣ ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଉପଖଣ୍ଡ ଚିକିତ୍ସାଳୟ ଓ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ରଥଗଡ଼ା ଛକଠାରୁ ଏକ ବିଶାଳ ମୌନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ସ୍ୱପ୍ନେଶ୍ୱର ବଜାରଠାରେ ଏକ ପ୍ରାର୍ଥନା ସଭାରେ ପରିଣତ ହୋଇଥିଲା। ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଏବଂ ବିଶିଷ୍ଟ ସାହିତ୍ୟିକ ପ୍ରାଧାପକ ଡଃ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗାନ୍ଧୀଙ୍କ ରାଜନୈତିକ ଓ ସାମାଜିକ ଦର୍ଶନ ଆଜି ସମଗ୍ର ବିଶ୍ୱରେ ଶ୍ରେଷ୍ଠତା ପ୍ରତିପାଦନ କରିଛି। ସାମ୍ପ୍ରତିକ ସମୟରେ ଯୁବପିଢ଼ି ଗାନ୍ଧୀବାଦର ପ୍ରାସଙ୍ଗିକତାକୁ ଆପଣେଇବା ଜରୁରୀ ବୋଲି ସେମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରିଙ୍କୁ ପତ୍ରୀ, ବିନୋଦ ମାଝୀ ଓ ତୋଫାନ ସାମଲଙ୍କ ସମେତ ଅନେକ ଯୁବ ଓ ଛାତ୍ର ନେତା ପରିଚାଳନା କରିଥିଲେ।



**● କଣ୍ଡରେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ**

# ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

ଆଠଗଡ଼, ୩୦।୧(ସମିସ): ଆଠଗଡ଼ ବ୍ଲକ କଣ୍ଡରେଇ ଗ୍ରାମପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଫଳାଫଳ ପ୍ରକାଶ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଛନ୍ତି। ସରପଞ୍ଚଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରି ବିଚାରପତି ଭି. ନରସିଂହ ଏହି ଅନ୍ତରୀଣ ରହିତାଦେଶ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରଶାସନ ପକ୍ଷରୁ ଡକାଯାଇଥିବା ସ୍ୱତନ୍ତ୍ର ବୈଠକରେ ଆଲୋଚନା ଓ ଭୋଟ୍ ପ୍ରକ୍ରିୟା ହୋଇପାରିବ, ମାତ୍ର କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହାର ଫଳାଫଳ ଘୋଷଣା କରାଯାଇପାରିବ ନାହିଁ। ଗତ ୨୦୨୫ ଡିସେମ୍ବର ୨୩ ତାରିଖରେ ନାଏବ ସରପଞ୍ଚଙ୍କ ନେତୃତ୍ୱରେ ୯ ଜଣ ୱାର୍ଡମେମ୍ବର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଏହି ନୋଟିସ୍ ଅନୁଯାୟୀ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଠଗଡ଼ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନାଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ତେବେ ବୈଠକ ସମୟରେ କେତେକ ଆବଶ୍ୟକୀୟ କାଗଜାତ ପ୍ରଦାନ ପାଇଁ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ଦାବି କରିଥିଲେ ହେଁ ତହସିଲଦାର ଏଥିରେ ଅନିଚ୍ଛା ପ୍ରକାଶ କରିବାରୁ ସରପଞ୍ଚ ଓ ତାଙ୍କ ସମର୍ଥକ ୱାର୍ଡମେମ୍ବରମାନେ ବୈଠକ ବର୍ଜନ କରିଥିଲେ। ଏହାସତ୍ତ୍ୱେ ତହସିଲଦାର ଉପସ୍ଥିତ ଥିବା ନାଏବ ସରପଞ୍ଚ ଓ ଅନ୍ୟ ୱାର୍ଡମେମ୍ବରଙ୍କୁ ନେଇ ଅନାସ୍ଥା ଭୋଟ୍ ପ୍ରକ୍ରିୟା ଶେଷ କରିଥିଲେ। ମାତ୍ର ହାଇକୋର୍ଟଙ୍କ ରହିତାଦେଶ ହସ୍ତଗତ ହେବା ପରେ ଏହି ଭୋଟ୍‌ର ଫଳାଫଳକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ପଞ୍ଚାୟତର ରାଜନୈତିକ ଭବିଷ୍ୟତ ଅଦାଲତଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରୁଛି।

# ଜାତୀୟ ପତାକା ଉତ୍ତୋଳନ କଲେ ଅବସରପ୍ରାପ୍ତ ସେନାଧିକାରୀ

କଟକ, ୩୦।୧(ସମିସ): ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାହାଦୁଲାପାଟଣାସ୍ଥିତ ମଧୁବାବୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଭାରତୀୟସେନା ବାହିନୀର ସୁବେଦାର ମେଜର ହେମନ୍ତ କୁମାର ମାଣିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ୧୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ପ୍ରଭାତ ଫେରି କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ସେନାବାହିନୀରୁ ଅବସର ଗ୍ରହଣ ପରେ ଶ୍ରୀ ମାଣିଆ ଏବେ ଜାତୀୟ ରାଜପଥ ସୁରକ୍ଷା ପୁଲିସ ବାହିନୀରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ତିଗିରିଆ, ୩୦।୧(ସମିସ): ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତିରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ଅଧ୍ୟକ୍ଷତାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପାଟଣାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବ୍ଲକ୍ ସାଧାନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେଉରୀ ଏବଂ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ରଙ୍କ ତତ୍ତ୍ୱାବଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣାର୍ଜୁନ ନାଏକଙ୍କ ପରିଚାଳନାରେ ବିଶେଷ ଅତିଥିଭାବେ ମାଧମିକ ବିଦ୍ୟାଳୟ ସଂଘ ପକ୍ଷରୁ ରବୀନ୍ଦ୍ରନାଥ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ଦାସ, ବିଶ୍ୱରଞ୍ଜନ ଜେନା, ଉମାଶଙ୍କର ରାଉତ, ନିଶାକର ଖଟୁଆ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଭାଗରେ ୩ ଜଣ ଲେଖାଏଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଶିକ୍ଷାଧିକାରୀ ଶ୍ରୀ ମହାରଣା ସୂଚନା ଦେଇଛନ୍ତି। ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲ।

# ସଡ଼କ ସୁରକ୍ଷା ପାଇଁ ସଚେତନତା ଜରୁରୀ: ଜଷ୍ଟିସ ଏଏସ୍ ନାଇଡୁ

**● ଅମିତାଭ ଠାକୁରଙ୍କୁ 'ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ'**

କଟକ, ୩୦।୧(ସମିସ): ସଡ଼କ ଦୁର୍ଘଟଣା ରୋକିବା ପାଇଁ କେବଳ ନିୟମ ନୁହେଁ, ବରଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ହିଁ ସବୁଠାରୁ ବଡ଼ ସମାଧାନ। ସମସ୍ତେ ସଚେତନ ହେଲେ ହିଁ ସଡ଼କ ସୁରକ୍ଷା ସମ୍ଭବ ବୋଲି ମତବ୍ୟକ୍ତ କରିଛନ୍ତି ମାନ୍ୟବର ଜଷ୍ଟିସ ଏଏସ୍ ନାଇଡୁ। ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ତ୍ରିଧାରା' ଆନୁକୂଲ୍ୟରେ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ସଭା ଓ ସମ୍ମାନ ପ୍ରଦାନ ଉତ୍ସବ ସଂଗଠନର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ୩୫ ବର୍ଷ ଧରି ସଡ଼କ ସୁରକ୍ଷା କ୍ଷେତ୍ରରେ ତ୍ରିଧାରାର ନିରନ୍ତର ପ୍ରୟାସକୁ ଜଷ୍ଟିସ ନାଇଡୁ ସାଧୁବାଦ ଜଣାଇଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ପରିବହନ କମିସନର ଇନ୍ଦ୍ରମଣି ନାଏକ, ପରିବହନ ବିଭାଗ ସଚିବ ଶିବ ଟପ୍ପୋ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଡ଼କ ସୁରକ୍ଷା ସମ୍ପର୍କିତ ବିଷୟବସ୍ତୁକୁ ପାଠ୍ୟକ୍ରମରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କୁ ମର୍ଯ୍ୟାଦାଜନକ 'ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ବରିଷ୍ଠ ସାମ୍ବାଦିକ ଡଃ ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ, ପୁରୀର ପୂର୍ବତନ ଆରଟିଓ ରବିନ ପଟ୍ଟନାୟକ ଏବଂ ରେଭେନ୍ସା କଲିଜିଏଟ୍ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ଶ୍ରୀଅଦ୍ୱୈତ ଦାସ ବାବାଜୀଙ୍କ ବାର୍ଷିକ ସ୍ମରଣୋତ୍ସବ

କଟକ, ୩୦।୧(ସମିସ): ଦରଖାପାଟଣାସ୍ଥିତ ଗୋପାଳଜୀଉଙ୍କ ଆଶ୍ରମ ତଥା ଶ୍ରୀ ବାୟାବାବା ମଠରେ ପରମାରାଧ୍ୟ ଶ୍ରୀ ଶ୍ରୀ ଗୁରୁଦେବ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଶ୍ରୀଚରଣାଶ୍ରିତ ଆଦର୍ଶ ବୈଷ୍ଣବ ଶ୍ରୀ ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜଙ୍କ ଏକାଦଶ ବାର୍ଷିକ ସ୍ମରଣୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଶ୍ରୀ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ଇଷ୍ଟେଟ୍ ଏବଂ ଶ୍ରୀକଳ୍ପତରୁ ସେବା ସଂଘ ସୋସାଇଟି ପକ୍ଷରୁ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଜାନୁଆରୀ ୨୫ ତାରିଖ ରବିବାରଠାରୁ ଆରମ୍ଭ ହୋଇଛି ଏବଂ ଏହା ଫେବୃଆରୀ ୩ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଯଥାବିଧି ଅନୁଷ୍ଠିତ ହେବ। ଉତ୍ସବର କାର୍ଯ୍ୟସୂଚୀ ଅନୁଯାୟୀ, ଜାନୁଆରୀ ୨୫ ତାରିଖ ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ ସପ୍ତାହ ପାଠ ପାରାୟଣ ନିମନ୍ତେ ଶୁଭାଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହାପରେ ଫେବୃଆରୀ ୧ ତାରିଖରେ ଅଷ୍ଟପ୍ରହର ନାମଯଜ୍ଞର ଶୁଭାଧିବାସ କରାଯିବ। ଫେବୃଆରୀ ୨ ତାରିଖ ସୋମବାର ଦିନ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହେବା ସହିତ ଦିବା ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଳ୍ପତରୁ ସେବାସଂଘ ସୋସାଇଟିର ତୃତୀୟ ବାର୍ଷିକ ସାଧାରଣ ଅଧିବେଶନ ବସିବ। ସେହିଦିନ ସନ୍ଧ୍ୟାରେ ଶ୍ରୀହରିହାଟ ଓ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ମହୋତ୍ସବର ଅନ୍ତିମ ଦିବସ ଅର୍ଥାତ୍ ଫେବୃଆରୀ ୩ ତାରିଖ ମଙ୍ଗଳବାର ପ୍ରାତଃ ସମୟରେ ନଗର କୀର୍ତ୍ତନ କରାଯିବ। ଏହାପରେ ୧୦୮ କୁମ୍ଭ ଜଳରେ ମହାରାଜ ଶ୍ରୀ ଶ୍ରୀ ଅଦ୍ୱୈତ ଦାସ ବାବାଜୀଙ୍କ ଭବ୍ୟ ଅଭିଷେକ ଅନୁଷ୍ଠିତ ହେବ। ଶେଷରେ ୬୪ ମହନ୍ତ ଭୋଗ ଆରାଧନା, ସାଧୁ ବୈଷ୍ଣବ ସେବା ଏବଂ ସାଧାରଣ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ପରେ ଏହି ଦଶଦିନିଆ ସ୍ମରଣୋତ୍ସବର ସମାପ୍ତି ହେବ। ମଠ ପରିଚାଳକ ଶ୍ରୀ ଶ୍ୟାମାନନ୍ଦ ଦାସ ବାବାଜୀ ଏହି ମହୋତ୍ସବରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି।

# ଅଜିତ ପଟ୍ଟନାୟକଙ୍କ ସ୍ମୃତିସଭା ଓ ଶ୍ରଦ୍ଧାଞ୍ଜଳି

କଟକ, ୩୦।୧(ସମିସ): ୫୬ ନଂ ୱାର୍ଡ ଅଧୀନ ଉତ୍ତମାପୁର ଗ୍ରାମର ମୁରବି ତଥା ସମାଜସେବୀ ଅଜିତ୍ ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା ଓ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ୫୬ନଂ ୱାର୍ଡ ବିଜେଡି ଉତ୍ତମାପୁର ଯୁବ ସଙ୍ଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ କର୍ପୋରେଟର ତଥା ବିଜେଡି ଯୁବ ସଂଗଠକ ସଞ୍ଜୟ କୁମାର ବରାଳଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ସଦର ବିଜେଡି ସଭାପତି ବିଭୂତି ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ତଥା କର୍ପୋରେଟର ପ୍ରମୋଦ ମହାପାତ୍ର, ସମାଜସେବୀ ତଥା ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ପଟ୍ଟନାୟକ, ୫୭ ନଂ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ଆର୍ତ୍ତଚନ୍ଦ୍ର ବିଶ୍ୱାଳ, ରାଜକୁମାରୀ ସ୍ୱାଇଁ, କୌଶିକ ଜେନା, ପାଇକସାହି ଗ୍ରାମ କମିଟିର ମୁରବି ଦିଲ୍ଲୀପ ସ୍ୱାଇଁ, ନଳିନୀ ସେନାପତି, ଶୋଭା ମୁଖୀ, ଡାହାଳିଆବାଗ ଗ୍ରାମ୍ୟ କମିଟିର ସମ୍ପାଦକ ସୁଶାନ୍ତ ମହାନ୍ତି, ବାଲିକୁଦା ଗ୍ରାମ୍ୟ ମୁରବି ପ୍ରଭାତ ସ୍ୱାଇଁ, ସଞ୍ଜୟ ବେହେରା, ରଞ୍ଜନ ପାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ଏକମାତ୍ର ସୁକନ୍ୟା ଆଦ୍ୟାଶା ପଟ୍ଟନାୟକଙ୍କୁ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଉତ୍ତରୀୟ ଓ ମରଣୋତ୍ତର ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୁଦର୍ଶନ ଜେନା ଧନ୍ୟବାଦ ଦେଇଥିଲେ।



# ଜୀବବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଆଠଗଡ଼, ୩୦।୧(ସମିସ): ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଜୀବବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲୋକନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ୟୁଏନ୍ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ. ବାଦଲ ଦାସ ଟେରାଟୋଜେନିସିସ୍ (ବିକୃତ ଭ୍ରୂଣ ଗଠନ ପ୍ରକ୍ରିୟା) ଶୀର୍ଷକ ବିଷୟବସ୍ତୁରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ରସାୟନ ବିଭାଗର ବିଭାଗୀୟ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଡ. ମମତା ନନ୍ଦ, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସ୍ନିଗ୍ଧା ପାତ୍ର ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ କର୍ମକର୍ତ୍ତା ଯଶରଞ୍ଜନ ପୋଢ, ରଣଜୀତ ସାମନ୍ତରାୟ, ପ୍ରଜ୍ଞା ପରମିତା ସାହୁ ସଂଯୋଜନା ଓ ପରିଚାଳନା କରିଥିଲେ। ଅଧ୍ୟାପକ ଅଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଏନ୍‌ଏସ୍‌ଏସ୍ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

କଟକ, ୩୦।୧(ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ତ୍ରିଦିବସୀୟ ଅନ୍ତଃ ଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର-୨୦୨୬ ଆରମ୍ଭ ହୋଇଛି। ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ମୁଖ୍ୟଅତିଥି ଭାବରେ ଶିବିରକୁ ଉଦଘାଟନ କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟସେବା ସଂଗଠନର ଅଧିକାରୀ ଯୋଗମାୟା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଅଲିଭା ମହାନ୍ତି, ଡ. ସନ୍ଧ୍ୟାସାୟନ୍ତନୀ ମହାନ୍ତି ଅତିଥି ଭାବରେ ସେବା ଯୋଜନାର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଜିଲ୍ଲାରୁ ଶତାଧିକ ଜାତୀୟ ସେବା ଶିକ୍ଷାର୍ଥୀଙ୍କ ସମେତ ଏନ୍‌ଏସଏସ ଅଧିକାରୀ ଯୋଗଦେଇଛନ୍ତି। ଏହି ତିନିଦିନିଆ ଶିବିରରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସାଗରିକା ସାହୁ ଧନ୍ୟବାଦ ଦେଇଥିଲେ।



# ଶିଶିର ସାରସ୍ୱତ ଉତ୍ସବ

କଟକ, ୩୦।୧(ସମିସ): ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ କଟକ ଶତାବ୍ଦୀ ବିହାରଠାରେ ଶିଶିର ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ମୁଖ୍ୟବକ୍ତା, କବି କିଶୋର ସାହୁ ସମ୍ମାନିତ ବକ୍ତା, ସୁଦର୍ଶନ ମହାପାତ୍ର, ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ବୈଜୟନ୍ତୀ ମାଳା ଶତପଥୀ, ଜ୍ୟୋତ୍ସ୍ନା ସାମନ୍ତରାୟ, ସଫଳା ଦାସ, ସୁରଭି ଦ୍ୱିବେଦୀ, କୋକିଳସ୍ୱରା ପାତ୍ର, ନରସିଂହ ମହାପାତ୍ର, ନୃସିଂହ ଚରଣ ଜେନା, ବିଜୟ ନାଥ, ମନ୍ମଥ ନାଥ ବରାଳ କବିତା ପାଠ କରିଥିଲେ। ଶରତଚନ୍ଦ୍ର ମହାନ୍ତି କବିତା ସଂଯୋଜନା କରିଥିଲେ।



# 'ରଘୁନାଥ ଦାସ ପ୍ରଗତିବାଦୀ ଚେତନାର ପ୍ରଭାବଶାଳୀ କବି'

**● ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବିଙ୍କ ସ୍ମୃତିସନ୍ଧ୍ୟା**

କଟକ, ୩୦।୧(ସମିସ): ରଘୁନାଥ ଦାସ (ଜଟାୟୁ) ପ୍ରଗତିବାଦୀ ଚେତନାର ଜଣେ ପ୍ରଭାବଶାଳୀ କବି। ତାଙ୍କ ପରି କବି ଆଜିର ସାହିତ୍ୟ ଜଗତରେ ବିରଳ ବୋଲି ଶୁକ୍ରବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ବିଶିଷ୍ଟ ପ୍ରଗତିବାଦୀ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଭାଷାବିତ୍ ତଥା ଓଡିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଓ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରସନ୍ନ ପଣ୍ଡା, ପ୍ରଗତି ବାରିକ ଓ ଲୋଚନ ସାଇନାଥ ସାହୁଙ୍କୁ ଏବଂ ବିଦ୍ୟାଳୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସାଇଲକ୍ଷ୍ମୀ ଦୋରା, ଦିବ୍ୟରଞ୍ଜନ ସାହୁ ଓ ସଞ୍ଜୀବ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ରାଜୀବ ଷଡଙ୍ଗୀ ଅତିଥି ପରିଚୟ ଦେଇଥିଲେ। ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ ମଞ୍ଚ ଆମନ୍ତ୍ରଣ ଓ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, କାର୍ଯ୍ୟନିର୍ବାହିକା ସମିତିସଭ୍ୟା ଡ. ବୈଜୟନ୍ତୀ ମାଳା ଶତପଥୀ ସହଯୋଗ କରିଥିଲେ। ଜଟାୟୁଙ୍କ ଜାମାତା ଡ. ଅଜୟ ପଟ୍ଟନାୟକ ଓ କନ୍ୟା ଡ. ମମତା ଦାସ ଉପସ୍ଥିତ ଥିଲେ।




# କଟକରେ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳିତ

## ଗାନ୍ଧୀ ସ୍ମୃତି ପୀଠରେ ପଲ୍ଲିଶ୍ରୀ ମେଳା ଓ ସ୍ୱରାଜ ଆଶ୍ରମରେ ଚରଖା କେନ୍ଦ୍ର ଉଦ୍‌ଘାଟିତ

କଟକ/ଫୁଲନଖରା, ୩୦।୧(ସମିସ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଅବସରରେ ଶୁକ୍ରବାର କଟକ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଜିଲ୍ଲାସ୍ତରୀୟ ସହିଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଜାତୀୟ ପତାକା ଉତ୍ତୋଳନ ସହ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିସନର କିରନଦୀପ କୌର ସହୋତା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସ୍ମୃତି ପୀଠ ପରିସରରେ ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନ ସମ୍ପର୍କିତ ଏକ ଭବ୍ୟ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଉଦଘାଟିତ ହୋଇଛି, ଯେଉଁଥିରେ ୧୫୦ରୁ ଅଧିକ ଦୁର୍ଲଭ ଚିତ୍ର ସ୍ଥାନ ପାଇଛି। ଅପରାହ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ମୁଖ୍ୟଅତିଥି ଭାବେ ତିନିଦିନିଆ 'ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା'କୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ମେଳାରେ ଓରମାସ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲାଯିବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିପରି ଐତିହାସିକ ସ୍ୱରାଜ ଆଶ୍ରମ ପରିସରରେ ମଧ୍ୟ ଗାନ୍ଧୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସାଂସଦ ଶ୍ରୀ ମହତାବ ଓ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏଠାରେ ଏକ ନୂତନ 'ଚରଖା କେନ୍ଦ୍ର' ଉଦଘାଟିତ ହୋଇଯାଇଛି। ଅତିଥିମାନେ ଗାନ୍ଧୀଜୀ ଅବସ୍ଥାନ କରିଥିବା ଗୃହ ପରିଦର୍ଶନ କରିବା ସହ ସର୍ବଧର୍ମ ପ୍ରାର୍ଥନା ସଭାରେ ସାମିଲ ହୋଇଥିଲେ। ଗୀତା, କୋରାନ୍ ଓ ବାଇବେଲ ପାଠ ସହ ଗାନ୍ଧୀଜୀଙ୍କ ପ୍ରିୟ ଆଶ୍ରମ ଭଜନ ପରିବେଷଣ କରାଯାଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଜରିଆରେ କଟକ ସହରବାସୀ ବାପୁଙ୍କ ଅହିଂସା ଓ ସତ୍ୟର ବାର୍ତ୍ତାକୁ ପୁନଃ ସ୍ମରଣ କରିଥିଲେ।



## ମାହାଙ୍ଗା ଯୋଗାଣ ଅଧିକାରୀଙ୍କ ବିବାଦୀୟ ମନ୍ତବ୍ୟ

# ବିଧାୟକଙ୍କ ନିର୍ଦ୍ଦେଶ ବିନା ହୋଇପାରିବନି ରାସନ୍ କାର୍ଡ !

ଭଦ୍ରେଶ୍ୱର,୩୦।୧(ସମିସ): ମାହାଙ୍ଗା ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବିଧାୟକଙ୍କ ବିନା ନିର୍ଦ୍ଦେଶରେ କୌଣସି ରାସନକାର୍ଡ ହୋଇପାରିବ ନାହିଁ ବୋଲି ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପଡିଛନ୍ତି ଯୋଗାଣ ଅଧିକାରୀ। ଏହି ଭିଡିଓ ମୋବାଇଲରୁ ମୋବାଇଲ ଘୂରି ବୁଲିବାରେ ଲାଗିଛି। କଟକ ଜିଲ୍ଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟର ଯୋଗାଣ ବିଭାଗ ଦାୟିତ୍ୱରେ ରହିଛନ୍ତି ପଡ଼ୋଶୀ ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ଅଧିକାରୀ। ଏହି ଅଧିକାରୀ ଜଣକ ଦ୍ୱୈତ ଦାୟିତ୍ୱରେ ରହିଛନ୍ତି। ବାବୁଜଣକ ସପ୍ତାହକୁ ୨ଦିନ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଓ ୪ଦିନ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରେ ରୁହନ୍ତି। ତେବେ ବାବୁ ଜଣକ ଲୋକଙ୍କ ଟିକସ ଟଙ୍କାରେ ଚାକିରୀ କରିଥିଲେ ମଧ୍ୟ ସ୍ଥାନୀୟ ରାଜନେତାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଓ ଇଙ୍ଗିତରେ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ନୀତିନିୟମରେ ଜଣେ ସାଧାରଣ ଗରିବ ଲୋକ ନିଜର ରାସନ କାର୍ଡ କରାଇବାକୁ ବାବୁଙ୍କ ନିକଟକୁ ଗଲେ ବାବୁ ଜଣକ ସିଧାସଳଖ କହୁଛନ୍ତି ବିଧାୟକଙ୍କ ନିର୍ଦ୍ଦେଶ ବିନା କୌଣସି ରାସନ କାର୍ଡ ହୋଇପାରିବ ନାହିଁ। ତେବେ ବାବୁଙ୍କର ଏହି ମନ୍ତବ୍ୟକୁ କେହିଜଣେ ଚତୁରତାର ସହିତ ମୋବାଇଲ ଭିଡିଓ ରେକର୍ଡିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଛି। ଏହି ଭିଡିଓଟି ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଭାଇରାଲ ଭିଡିଓରୁ ଜଣାପଡିଛି ଯେ ଜଣେ ରାସନକାର୍ଡ ଆବେଦନକାରୀ ନୀତି ନିୟମରେ ପ୍ରଥମେ ପିଇଓଙ୍କ ତଦନ୍ତ ରିପୋର୍ଟ ଓ ପରେ ଆବେଦନ ପତ୍ରରେ ବିଡିଓଙ୍କ ଦସ୍ତଖତ କରାଇ ଯୋଗାଣ ଅଧିକାରୀଙ୍କୁ ଦେଇଥିଲେ। କିନ୍ତୁ ଯୋଗାଣ ଅଧିକାରୀ ଜଣକ କହିଛନ୍ତି, ବିଡିଓ ଆଜି ଅଛନ୍ତି କାଲି ନ ଥିବେ। ବିଧାୟକଙ୍କ ନିର୍ଦ୍ଦେଶ ବିନା କୌଣସି ରାସନକାର୍ଡ ହୋଇପାରିବ ନାହିଁ।

**ଭାଇରାଲ ହେଉଛି ଭିଡିଓ**

ଏଠାରେ ସୂଚନାଥାଉକି ନୀତି ନିୟମରେ ଜଣେ ଯୋଗ୍ୟ ରାସନକାର୍ଡ ଆବେଦନକାରୀଙ୍କୁ ଚୟନ କ୍ଷମତା ପଞ୍ଚାୟତ ପିଇଓ ଓ ଏଡିଇଓଙ୍କୁ ସରକାରୀ ଭାବେ ପ୍ରଦାନ କରାଯାଇଛି। ଯେଉଁ ଆଧାରରେ ହିତାଧିକାରୀଙ୍କୁ ଯୋଗାଣ ଅଧିକାରୀ ରାସନକାର୍ଡ ପ୍ରଦାନ କରିଥାନ୍ତି। ତେବେ ଯୋଗାଣ ଅଧିକାରୀ ଜଣକ ସରକାରୀ ନୀତି ନିର୍ଦ୍ଦେଶକୁ ନ ମାନି ବିଧାୟକଙ୍କ ବୋଲକରା ସାଜିବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପ୍ରଶାସନ ତରଫରୁ ଯୋଗାଣ ନିରୀକ୍ଷକଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ଆଠଗଡ଼,୩୦।୧(ସମିସ): ଆଠଗଡ଼ ରାଜବାଟୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଜାଭିୟର ଗ୍ରୁପର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ଜିଏସ୍ ପଟ୍ଟନାୟକ ମୁଖ୍ୟଅତିଥି, ଜାଭିୟର ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି, ମହିଳା ଉଦ୍ୟୋଗୀ ତଥା ସମାଜସେବୀ ସ୍ନିଗ୍ଧା ମହାନ୍ତି ଓ ରବିନାରାୟଣ ବାରିକ, ଆଠଗଡ଼ ଆଥଲେଟିକ ଆସୋସିଏସନ ସହସଂପାଦକ ସୋମନାଥ ଭକ୍ତ, ଆଇନଜୀବୀ ଯଶୋବନ୍ତ ବାରିକ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ରୋଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ; ଜେଲ୍‌ଗଲେ ପ୍ରଧାନଶିକ୍ଷକ

ନିଶ୍ଚିନ୍ତକୋଇଲି,୩୦।୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ସରପଡା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ପ୍ରଧାନଶିକ୍ଷକ ଜେଲ୍ ଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ରୀଙ୍କ ମାଆ ଲକ୍ଷ୍ମୀପ୍ରିୟା ପଣ୍ଡା ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ନିଜେ ଥାନାଧିକାରୀ ଅନୀତା ସାହୁ ତଦନ୍ତ କରି ଏକ ମାମଲା ରୁଜୁ କରି ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିଲେ। ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୋଗରୁ ଜଣାଯାଏ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ଦାସ ଅନେକ ସମୟରେ ଛାତ୍ରୀଙ୍କ ସହ ବିଭିନ୍ନ ପ୍ରକାରେ ଅସଦାଚରଣ କରିଥାଆନ୍ତି। ସଂପୃକ୍ତ ଛାତ୍ରୀଙ୍କ ସହ ଏଭଳି କରିଥିବା ଘଟଣା ନେଇ ଛାତ୍ରୀ ଜଣକ ଘରେ କହିବାରୁ ତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ।

## ସ୍କୁଲ୍‌ରେ ପ୍ରେସର୍ କୁକର୍ ଫାଟି ୨ ପାଚିକା ଆହତ

ଆଠଗଡ଼,୩୦।୧(ସମିସ): ଆଠଗଡ଼ ବ୍ଲକ ଗୋବିନ୍ଦ-ମାଧବପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବା ବେଳେ ବ୍ୟବହୃତ ପ୍ରେସର କୁକର ଫାଟିଯିବା ଫଳରେ ୨ ପାଚିକା ତୁଳସୀ ବେହେରା ଓ ଚଞ୍ଚଳା ନାଏକ ଆହତ ହୋଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରେସର କୁକର ଫାଟି ଉପରକୁ ଉଠିଯାଇ ବିଦ୍ୟାଳୟର ଆଜବେଷ୍ଟସ ଭାଙ୍ଗିଯାଇଛି। ପ୍ରଚଣ୍ଡ ଶବ୍ଦ ଯୋଗୁଁ ଗ୍ରାମବାସୀ ଓ ବିଦ୍ୟାର୍ଥୀମାନେ ଭୟଭୀତ ହୋଇ ପଡିଥିଲେ। ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସ୍ୱାଇଁ ଗ୍ରାମବାସୀ ଓ ଅନ୍ୟ ଶିକ୍ଷୟିତ୍ରୀ ରଞ୍ଜନା ବେହେରାଙ୍କ ସହାୟତାରେ ଦୁଇ ଆହାତଙ୍କୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ଶିକ୍ଷାଧିକାରୀ ମୁରଲୀଧର ସାହୁ ଡାକ୍ତରଖାନାରେ ପହଞ୍ଚି ଉଭୟ ଆହତଙ୍କ ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର

ଭଦ୍ରେଶ୍ୱର,୩୦।୧(ସମିସ): ମାହାଙ୍ଗା ବ୍ଲକ ନାହାଙ୍ଗ ଗ୍ରାମପଞ୍ଚାୟତ ଗୌଡଗୋପ ବାସୁଳାଇ ପୀଠରେ ଏକଦିବସୀୟ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା କୃଷକ ବିକାଶ ମଞ୍ଚର ସଭାପତି ତଥା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ଇଫକୋ କୋଡିନେଟର ପ୍ରିନ୍ସିପାଲ କୁଳମଣି ମାଝି ଯୋଗଦାନ କରି ନାନୋ ସାର ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ବକ୍ତାଭାବେ ବୈଜ୍ଞାନିକ ଅଭ୍ର ଦେ, ସମ୍ମାନିତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ସାର୍ଥକ ପାଣି ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ନୃସିଂହ ଚରଣ ସାମଲ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଶିବିରରେ ଚାଷୀ ସେଖ ଅବଦୁଲ ହମିଦ, ସୁବାସଚନ୍ଦ୍ର ମହାନ୍ତି, ନନ୍ଦ କିଶୋର ରାଉତ, ନିରଞ୍ଜନ ବାରିକ, ତ୍ରିଲୋଚନ ପ୍ରଧାନ, ହଳଦିଆ କୃଷି ସମବାୟ ସମିତିର ପୂର୍ବତନ ସଭାପତି ଜଗନ୍ନାଥ ପ୍ରଧାନ, ଦୁର୍ଯ୍ୟୋଧନ ଲେଙ୍କା, ଗୌରାଙ୍ଗ ଖଟୁଆ, କୈଳାସ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପଲ୍ଲିସାହି ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ହରିହର ବଳ ଧନ୍ୟବାଦ ଦେଇଥିଲେ।

## 'କୃତ୍ରିମ ବୁଦ୍ଧିମତାର ନୈତିକତା' ଶୀର୍ଷକ ଜାତୀୟ ସମ୍ମାନ

ଚୌଦ୍ୱାର,୩୦।୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ତରଫରୁ 'କୃତ୍ରିମ ବୁଦ୍ଧିମତାର ନୈତିକତା' ଶୀର୍ଷକ ଏକ ଦିବସୀୟ ଜାତୀୟ ସମ୍ମାନ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଇଆଇଟି ବମ୍ବେର ପ୍ରଫେସର ରାଜ କିଶୋର ନାଥ, ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଅଧ୍ୟାପିକା ଦୀପାଳି ରାଉତ, ଡ. ସୁନୀତା ପରିଡ଼ା, ଅଧ୍ୟାପକ ସୁମନ ବେହେରା, ଅଧ୍ୟାପିକା ସୋନାଲି ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଅନୁପମା ତ୍ରିପାଠୀ ସମ୍ମାନ ବିଷୟବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ଭାରତୀୟ ଦର୍ଶନର ବିଶିଷ୍ଟ ବିଦ୍ୱାନ ସ୍ୱର୍ଗତ ଡ. ବିଜୟାନନ୍ଦ କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ଟାଙ୍ଗୀ,୩୦।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ବମ୍ଭୁରୀ ଗ୍ରାମର ଶତାଧିକ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରାକ୍ତନ ସରପଞ୍ଚ ତଥା ସାମାଜିକ କର୍ମୀ ବିଷ୍ଣୁ ଦାସଙ୍କ ପୌରୋହିତ୍ୟରେ ଓ ଟେଟ୍ରାହେଡ୍ରନ୍ ଏଜୁକେସନାଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ଧର୍ମପତ୍ନୀ, ରେଡ଼କ୍ରସ ସଂଯୋଜିକା ଓ ଅଧ୍ୟାପିକା ଡଃ. ସସ୍ମିତା ପଟ୍ଟନାୟକ ଯୋଗଦେଇ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ। ସମାଜସେବୀ ତଥା ସାମ୍ବାଦିକ ଗଙ୍ଗାଧର ବେହେରା ଓ ସାମାଜିକ କର୍ମୀ ଆକାଶ ପାତ୍ର ସହାୟତା ଯୋଗାଇ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍‌ସ ଓ ଗାଇଡ୍‌ସ କ୍ୟାମ୍ପୋରୀ ଉଦ୍‌ଘାଟିତ



ଚୌଦ୍ୱାର,୩୦।୧(ସମିସ): କଟକ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡ଼ସ୍ କ୍ୟାମ୍ପୋରୀ ଚୌଦ୍ୱାରରେ ଅନୁଷ୍ଠିତ ହେଉଛି। ପିଏମ୍‌ଶ୍ରୀ ଓଟିଏମ୍ ସରକାରୀ ହାଇସ୍କୁଲରେ ଆୟୋଜିତ ତଥା ସ୍କାଉଟସ୍ କମିଶନର ଅଶୋକ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ଜାଭିର୍ୟସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି, ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ, ଡିଓସି ପ୍ରଦୀପ୍ତ ମହାନ୍ତି, ଡିଟିସି ସରୋଜିନୀ ସାହୁ, ଓଟିଏମ୍ ହାଇସ୍କୁଲ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ସୌଦାମିନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଶୋକ ଧଳ ସ୍ୱାଗତ ଭାଷଣ ଓ ନିରୂପମା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ତ୍ରିଦିବସୀୟ କ୍ୟାମ୍ପୋରୀରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୮ଶହରୁ ଉର୍ଦ୍ଧ୍ୱ ସ୍କାଉଟସ୍, ଗାଇଡ଼ସ୍, ସ୍କାଉଟ ମାଷ୍ଟର ଗାଇଡ଼ କ୍ୟାପଟେନ୍, ରୋଭର ଓ ରେଞ୍ଜର ଅଂଶଗ୍ରହଣ କରିଛନ୍ତି। କହ୍ନେଇପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ ଓ ନିଗମାନନ୍ଦ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ କ୍ୟାମ୍ପ ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ମାହାଙ୍ଗା,୩୦।୧(ସମିସ): କଟକ ଜିଲ୍ଲାର କଲ୍ୟାଣପୁରଠାରେ ୭୭ତମ ସାଧାରଣତନ୍ତ୍ର ଉତ୍ସବ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସତ୍ୟ ଓ ଅହିଂସା ମାର୍ଗରେ ଯୁବ ଛାତ୍ରମାନେ ବ୍ରତୀ ହେବାକୁ ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତି ଅଧ୍ୟକ୍ଷତାରେ କୁହୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ସମିତିସଭ୍ୟା କବି ସୁପ୍ରଭା ସାମଲ, ପୂର୍ବତନ ସମିତିସଭ୍ୟ ନିହାର ରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ବେହେରା, ସମାଜସେବୀ ଅଫସର ତୁଲ୍ଲା, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ପୂର୍ବତନ ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ ପାଣି, ଡ. ଭାବଗ୍ରାହୀ ରାଉତ, ସଂଗୀତ ନିର୍ଦ୍ଦେଶକ ବିଶ୍ୱନାଥ ପଲେଇ, ବରିଷ୍ଠ ନାଗରିକ ସୁନାକର ବେହେରା, ଚନ୍ଦ୍ରମଣି ଦାଶ, ସୁଧୀର ମହାନ୍ତି, ନିରଞ୍ଜନ ମୁଦୁଲି, ସେନା ଅଧିକାରୀ ଗଣେଶ୍ୱର ସାମଲ, ବନମାଳୀ ବାରିକ ଉତ୍ସବରେ ଯୋଗଦଇଥିଲେ। ରଘୁନାଥ ବିଦ୍ୟାପୀଠ କୋଠପଦା ଏବଂ କଲ୍ୟାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ସେନାବାହିନୀ ଓ ପୁଲିସ ବିଭାଗର ଅବସରପ୍ରାପ୍ତ କର୍ମଚାରୀ, ଯୁବ ସାମ୍ବାଦିକ ଏବଂ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀ ଦଧିବାମନଜୀଉଙ୍କ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



ଚୌଦ୍ୱାର,୩୦।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଆଗ୍ରାହାଟ ଗ୍ରାମରେ ଦୀର୍ଘ ୫୦୦ ବର୍ଷର ପୁରାତନ ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ନବକଳେବର ଓ ନବନିର୍ମିତ ଦାରୁ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ସମାପ୍ତ ହୋଇଯାଇଛି। ପବିତ୍ର ମାଘ ଶୁକ୍ଳ ସପ୍ତମୀ ଜାନୁଆରୀ ୨୫ରୁ ଆରମ୍ଭ ହୋଇଥିବା ଏହି ତ୍ରିଦିନାତ୍ମକ ଉତ୍ସବ ବୁଧବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ପ୍ରାରମ୍ଭରେ ରବିବାର ଶୁଭାଧିବାସ କରାଯାଇଥିବା ବେଳେ ସୋମବାର ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ଗୀତା ଯଜ୍ଞ ସହ ପ୍ରଭୁଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଛି। ଅପରାହ୍ନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ କୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟୁଆଙ୍କ ଗହଣରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ପ୍ରଭୁ ଉତ୍ତରେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ "ହରିହର ଭେଟ" ଅନୁଷ୍ଠିତ ହୋଇଥିଲା। ଶେଷରେ ବିମାନଟି ମଠ ପରିସରରେ ପହଞ୍ଚିବା ପରେ ପୂର୍ଣ୍ଣାହୁତି ହୋଇଥିଲା ଏବଂ ପ୍ରଭୁ ଶ୍ରୀ ଦଧିବାମନ ନିଜ ରତ୍ନ ସିଂହାସନରେ ବିରାଜମାନ କରିଥିଲେ। ଏହି ଅବସରରେ ଗ୍ରାମବାସୀ ଓ ମଠ ପରିଚାଳନା କମିଟି ପକ୍ଷରୁ ତିନି ଦିନ ଧରି ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଜଟାଧାରୀ ଆଶ୍ରମରେ ଆଧ୍ୟାତ୍ମିକ ଆଲୋଚନାଚକ୍ର



ଭଦ୍ରେଶ୍ୱର,୩୦।୧(ସମିସ): ମାହାଙ୍ଗା ବ୍ଲକ ରାମକୃଷ୍ଣପୁର ଭେଡାସ୍ଥିତ ଜଟାଧାରୀ ଆଶ୍ରମରେ ୫୫ତମ ବିଶ୍ୱଶାନ୍ତି ମହାଯଜ୍ଞ ନାମ ସଂକୀର୍ତ୍ତନ ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧଗିରି ଆଶ୍ରମର ବିଶ୍ୱନାଥ ବାବା ଓ ମହନ୍ତ ଗୁରୁ ରାମପ୍ରସାଦ ଦାସ ବାବାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଧୂପ, ପ୍ରଦୀପ ପ୍ରଜ୍ୱଳନ ସହ ଏହି ଉତ୍ସବ ଉଦଘାଟିତ ହୋଇଥିଲା। ଆଶ୍ରମ ପରିସରରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଗୀତିକାର ବିଶେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଅଲେଖଚନ୍ଦ୍ର ଦାସ, ନାଟ୍ୟକାର ଅଶୋକ ମହାନ୍ତି, ଡ. ଏକାଦଶୀ ପ୍ରଧାନ ପ୍ରମୁଖ ଅତିଥିରୂପେ ଯୋଗଦାନ କରିଥିଲେ। କବିତା ପାଠୋତ୍ସବରେ ଶିଶୁ କବି ମହେନ୍ଦ୍ର ଘଡେଇ ସଂଯୋଜନା କରିଥିଲେ। କବି ଧନେଶ୍ୱର ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତି ସୂତାର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

ଏହି ଅବସରରେ ପୁସ୍ତକ ବିରୂପା ତୀର୍ଥକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ନିରଞ୍ଜନ ସାହୁଙ୍କୁ ଆତ୍ମାରାମ ସମ୍ମାନରେ ସମ୍ମାନିତ କରାଯାଇଛି। ମଠର ପରିଚାଳକ ଅଶୋକ ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପର୍ଶୁରାମ ସୂତାର ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସୁଶାନ୍ତ ନାୟକ ପ୍ରବଚନ ପ୍ରଦାନ କରିଥିଲେ। ରାତ୍ରରେ ଅନ୍ତେବାସୀଙ୍କ ଦ୍ୱାରା ନାଟକ ରାମ ରାମ ଆତ୍ମା ରାମ ପରିବେଷଣ କରାଯାଇଥିଲା।

## ୧୯୮୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ



କଣ୍ଟାପଡ଼ା,୩୦।୧(ସମିସ): ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସାଙ୍ଗସାଥୀମାନେ ସପରିବାରେ ମଣ୍ଡପରେ ଏକତ୍ରିତ ହୋଇ ନିଜ ନିଜ ମଧ୍ୟରେ ସୁଖଦୁଃଖର ଆଳାପ ହେବା ସହ ସ୍କୁଲ୍ ସମୟର ଅଭୁଲା ଅତୀତକୁ ମନେ ପକାଇଥିଲେ। ସେହି ବ୍ୟାଚର ବିମଟେକର ନିର୍ଦ୍ଦେଶିକା ପ୍ରବୀଣା ଦାସଙ୍କ ବାପା ସ୍ୱର୍ଗତ ନଗେନ ଦାସ ଗୋବିନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଥିଲେ ଦୀର୍ଘ ୪୨ ବର୍ଷ ପରେ ପ୍ରବୀଣା ସ୍କୁଲ୍ ସାଙ୍ଗମାନଙ୍କୁ ଭେଟି ଖୁସିରେ କାନ୍ଦି ପକାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ଲଘୁ ଉଦ୍ୟୋଗ ରାଜ୍ୟ ସଭାପତି ତପନ ସ୍ୱାଇଁ, ଅଳକା କଲେଜ ଜଗତସିଂହପୁରର ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଳକୃଷ୍ଣ ବିଦ୍ୟାନିକେତନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ତାଳଧ୍ୱଜ' ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା



ନିଶ୍ଚିନ୍ତକୋଇଲି,୩୦।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରଠାରେ ଥିବା ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ସ୍ମୃତି ସମାରୋହ ସୁବର୍ଣ୍ଣ ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣ ସ୍ମାରକୀ 'ତାଳଧ୍ୱଜ'ର ଶୁଭ ଉନ୍ମୋଚନ ଏବଂ ସ୍ମୃତିସ୍ତମ୍ଭର ଶୁଭ ଉଦ୍‌ଘାଟନ କରାଯାଇଛି। ପରିଷଦର ସଭାପତି ଗୌତମ ଦାସଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଆଗାମୀ ୫୦ ବର୍ଷ ପାଇଁ ଏହା ଏକ ଶକ୍ତିଶାଳୀ ଓ ଶିକ୍ଷିତ ସମାଜ ଗଠନରେ ବିଶେଷ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ପ୍ରଫେସର ଡ. ଅବସ ପରିଡା ସବୁବେଳେ ସତ୍ୟବାଦୀ ଓ ନିର୍ଭୀକ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁପ୍ରଭା ସେନାପତି, ସମିତିସଭ୍ୟ ଅଶୋକ ଓଝା, ସରପଞ୍ଚ ତିଳୋତ୍ତମା ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ପୁରାତନ ଛାତ୍ରୀ ସଂଯୁକ୍ତା ସେଠୀ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ପରିଷଦ ପକ୍ଷରୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବିଦ୍ୟାଳୟ ଆରମ୍ଭରୁ ଅଦ୍ୟାବଧି ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଉପସଭାପତି ସାମ୍ବାଦିକ ଜ୍ୟୋତିରଞ୍ଜନ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ବିଜୟ ବେଦାନ୍ତ, ନାରାୟଣ ଭାରତୀ, ସତ୍ୟାନନ୍ଦ ପଣ୍ଡା, ସରୋଜ ଦ୍ୱିବେଦୀ, ବଳରାମ ପାତ୍ର, ଜଗବନ୍ଧୁ ବିଶ୍ୱାଳ, ଉତ୍ସବ ଚନ୍ଦ୍ର ଦାସ, ସରୋଜ ପ୍ରଧାନ, ଦୀପକ ପରିଡା, ଚନ୍ଦନ ରାଉତ, ଉମାକାନ୍ତ ସାହୁ, ଜଗତ୍‌ଜୀବନ ପଣ୍ଡା, ଶ୍ରୀମନ୍ତ ମହାନ୍ତି, ଯଶୋବନ୍ତ ଦାସ, ହିମାଂଶୁ ରାଉତ, ଜିତେନ୍ଦ୍ର ସ୍ୱାଇଁ, ମନୋଜ ବେହେରା ପ୍ରମୁଖ ପୁରାତନ ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର ସହସଂପାଦକ ମନୋଜ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

